# ଶୈବ୍ୟା କାବେରୀ ତୀର୍ଥ ପ୍ରତିଷ୍ଠା

*ଓଡ଼ିଶା କୋହେନୂର ପ୍ରେସ୍ ପତ୍ରିକାରେ ପ୍ରକାଶିତ ସ୍ୱର୍ଣ୍ଣକ୍ଷେତ୍ର ଇତିବୃତ୍ତି କ୍ରମରେ ଏଥରର ନିବେଦନ ''ଶୈବ୍ୟା, କାବେରୀ ତୀର୍ଥ ପ୍ରତିଷ୍ଠା ।'' ସତ୍ୟଯୁଗରୁ କଳିଯୁଗ ପର୍ଯ୍ୟନ୍ତ ବିସ୍ତୃତ ଏକ ଅପୂର୍ବ ଭକ୍ତିସୁଧା ଭକ୍ତପର୍ବତିର ଲିଳିଭୂମି । ପରମ କାରୁଣିକ, ପରମେଶ ତାଙ୍କ ବଚନ ଅନୁଯାୟୀ ପୂର୍ବଯୁଗରେ ପ୍ରଦାନ କରିଥିବା ଆଶୀର୍ବାଦକୁ ଏ ଯୁଗରେ ସାକାର କରାଇଛନ୍ତି କେନ୍ଦୁଝର ଜିଲ୍ଲାର ବୈତରଣୀ ତୀର ରାଜନଗରଠାରେ । ସେହି ଅମରଗାଥାର ସ୍ମାରକରେ ଆମର ଏଥରକ ଭେଟି ''ଶୈବ୍ୟାକାବେରୀ ତୀର୍ଥ ପ୍ରତିଷ୍ଠା ।'' ।*

## ୧୪୦୫ ସାଲ ମେଷ ଦି ୨୮ ନ ବୈଶାଖ ପୂର୍ଣ୍ଣିମା, ସୋମବାର
## ସ୍ଥାନ : ରାଜନଗର (ପଣସା), ବୈତରଣୀ ତୀର, କେନ୍ଦୁଝର

ସ୍ମରଣିକା

**ଲୀ**ଳାମୟଙ୍କ ଲୀଳା ଯେତିକି ବିଚିତ୍ର, ସେତିକି ମନୋରମ । ମହାଶୂନ୍ୟରେ ୪୨ କଳ୍ପ ଭୋଗ କରାଇ ୪୩ କଳ୍ପର ପ୍ରାରମ୍ଭରେ ମର୍ତ୍ତ୍ୟଲୀଳାର କଳ୍ପନା କରିଥିଲେ ସେ ମହାନାୟକ । ସର୍ବପ୍ରଥମେ ନିଜକୁ ଦୁଇଭାଗ କରି ପୁରୁଷ ଓ ପ୍ରକୃତି ରୂପରେ ରୂପାନ୍ତରିତ ହୋଇ ଲୀଳାର ପ୍ରଥମ ପର୍ବ ଉନ୍ମୋଚନ କଲେ । ପରବର୍ତ୍ତୀ ପର୍ଯ୍ୟାୟରେ ପୁରୁଷ ଅଂଶରେ ବ୍ରହ୍ମା ଓ ପ୍ରକୃତି ଅଂଶରେ ସାବିତ୍ରୀ ହୋଇ ସୃଷ୍ଟି ନିର୍ମାଣ ସମାପ୍ତ କଲେ । ମର୍ତ୍ତ୍ୟଭୂମି ସୃଷ୍ଟି ପୂର୍ବରୁ ଏହାକୁ ୫୨ଟି ଛନ୍ଦପୃଷ୍ଠରେ ସଜାଇ ଦେଲେ । ପ୍ରଥମ ଛନ୍ଦରେ ରଖିଲେ ସତ୍ୟ, ଦ୍ୱାପର, ତ୍ରେତୟା ଓ କଳି । ପ୍ରତିଯୁଗରେ ହିରଣ୍ୟଗର୍ଭ ଓ ମର୍ତ୍ତ୍ୟଭୂମି ମଧ୍ୟରେ ସମନ୍ୱୟତା ରକ୍ଷାକରି ହିରଣ୍ୟଗର୍ଭରୁ ସମସ୍ତ ଜ୍ଞାନ ତତ୍ତ୍ୱ ଶିବଲୋକ ମାଧ୍ୟମରେ ମର୍ତ୍ତ୍ୟଭୂମିକୁ ଅବତରଣ କରାଇବାକୁ ନିଜର ସର୍ଜ୍ଜ, ଉର୍ଦ୍ଧ୍ୱ, ତ୍ରିକୂଟ ସନ୍ଧି ଓ ବୃଜିନ ଚକ୍ଷୁ ଦ୍ୱାରା ଚାରିଗୋଟି ଜ୍ଞାନୀପୁତ୍ରଙ୍କୁ (ଯଥା: ସନକ, ସନନ୍ଦ, ସନାତନ ଓ ସନତ୍କୁମାର) ସୃଷ୍ଟିକରି ହିରଣ୍ୟଗର୍ଭର ''ଶାଦ୍ୟୋତମଣ୍ଡଳ''ରେ ଅବସ୍ଥାପିତ କରାଇ ଦେଲେ ।

ଏହାପରେ ଯୁଗ ନିର୍ମାଣ ପ୍ରକ୍ରିୟାରେ ସତ୍ୟଯୁଗ ମର୍ତ୍ତ୍ୟଭୂମିକୁ ଅବତରଣ କଲା । ଲୀଳା ସଂପାଦନର ଦ୍ୱିତୀୟ ପର୍ଯ୍ୟାୟରେ କ୍ରିୟାଯୋଗୀମାନଙ୍କୁ ସୃଷ୍ଟି କରି ସାଧନସୂତ୍ର ଦେଇ ଧରାଧାମକୁ ପଠାଇଦେଲେ । ଏହି ସୁପୁତ୍ରମାନେ ପ୍ରାପ୍ତ ସୂତ୍ରର ଆଧାରରେ କଠୋର ତପ ଆଚରଣ କରି ସ୍ରଷ୍ଟାଙ୍କୁ ନିଜର କଳ୍ପିତ ରୂପରେ ଦର୍ଶନ କରି ବହୁଜ୍ଞାନର ଅଧିକାରୀ ହେଲେ ଏବଂ ସେହି ଜ୍ଞାନଗଙ୍ଗାକୁ ଧରାପୃଷ୍ଠରେ ବିଛାଡ଼ି ଦେଲେ । ଏହି ସନ୍ତାନମାନେ ମୁନି, ଋଷି, ସାଧକ ଇତ୍ୟାଦି ନାମରେ ମର୍ତ୍ତ୍ୟରେ ପରିଚିତ ହେଲେ । ଏହିଠାରୁ ଆରମ୍ଭ ହେଲା ଋଷିଯୁଗ ।

ପରାଜ୍ଞାନର ଅଧିକାରୀ ଉକ୍ତ ମୁନି, ଋଷିମାନେ ସେମାନଙ୍କ ପ୍ରଜ୍ଞା, ଧୀ ତଥା କୁଣ୍ଡଳିନୀ ଶକ୍ତିର ପ୍ରଭାବରେ ତ୍ରିକାଳଦର୍ଶୀ ହୋଇ ସୃଷ୍ଟିଚକ୍ରର ସମସ୍ତ ରହସ୍ୟ କାରଣ ଜଗତରୁ ଅବଗତ ହେଲେ ଏବଂ ନିଜର ବିବେକ, ବିଚାର ଧାରା ପ୍ରୟୋଗରେ ଜଗତ୍ କଲ୍ୟାଣ ପାଇଁ ଗୋଟିକ ପରେ ଗୋଟିଏ ବରଭିକ୍ଷା କରି ମର୍ତ୍ତ୍ୟଭୂମିକୁ ଆହୁରି କମନୀୟ କରାଇଲେ ଓ ସ୍ରଷ୍ଟାଙ୍କର ଲୀଳାଭୂମିରେ ପରିଣତ କରିଦେଲେ ।

ଉକ୍ତ ଲୀଳାମୟ ବିଚିତ୍ର ପୁରୁଷଙ୍କ ଶ୍ରୀପଦ ଦର୍ଶନ ଓ ବନ୍ଦନା ପାଇଁ କଳ୍ପରୁ ଜଣେ ତପସ୍ୱିନୀ କିପରି ପାଗଳିନୀ ହୋଇ ଅକଥନୀୟ ଘାତ, ପ୍ରତିଘାତ ସହ୍ୟ କରି ଆଜିଯାଏ ଅପେକ୍ଷା କରି ରହିଛି ତାହାରି ସମାଧାନ ହିଁ ଆଜିର ପବିତ୍ର ଉତ୍ସବ ''ଶୈବ୍ୟା, କାବେରୀ ତୀର୍ଥ ପ୍ରତିଷ୍ଠା ।'' ଆସନ୍ତୁ ଶୁଣିବା ସେହି ଅମର ଗାଥା ।

କଳ୍ପଯୁଗ ଭୋଗପରେ ସତ୍ୟଯୁଗ ଆରମ୍ଭରୁ ଶ୍ରୀବିଷ୍ଣୁଙ୍କ ନଖକୋଣରୁ ମାଆ ଗଙ୍ଗା, ଯମୁନା, ସରସ୍ୱତୀ ନାମକ ତିନିକନ୍ୟା ଜନ୍ମ ଗ୍ରହଣ କଲେ । ଜଗଦୀଶ୍ୱରଙ୍କ ଯୁଗାନୁବାଦ ଲୀଳା ସମ୍ପର୍କରେ ଅବଗତ ହୋଇ ମର୍ତ୍ତ୍ୟଧାମରେ ସଦା ବିଚରଣ କରିବାକୁ ତପସ୍ୟା କଲେ । ତପସ୍ୟାରେ ସିଦ୍ଧିଲାଭ କରି ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ରୂପ ନେଇ ମର୍ତ୍ତ୍ୟଧାମକୁ ଅବତରଣ କରି ଆସିଲେ । ପିତାଙ୍କର ମର୍ତ୍ତ୍ୟାଗମନରେ ତାଙ୍କ ପଦ ଧୌତ କରିବାପାଇଁ ଯମୁନା ଓ ସରସ୍ୱତୀ ସେମାନଙ୍କ ଇଚ୍ଛାମତେ ଅନେକ ସହଚରୀ (ନଦୀ) ସୃଷ୍ଟି କରିଦେଲେ । ତନ୍ମଧ୍ୟରୁ ଏକ ସଖୀ କାବେରୀ । କିନ୍ତୁ ସେ (କାବେରୀ) ମର୍ତ୍ତ୍ୟଗମନରୁ ବଞ୍ଚିତ ହୋଇଗଲେ । କାରଣ ସେ ସୃଷ୍ଟିହେବା ମାତ୍ରେ ତପସ୍ୟା କରିବା ପୂର୍ବରୁ 'ବୃଷୀଟକ' ନାମକ ଏକ ରାକ୍ଷସର ରୂପଲାବଣ୍ୟରେ ଆସକ୍ତ ହୋଇ ତା'ର ସହଧର୍ମିଣୀ ହେବାକୁ କାମନା କଲେ । ବିଷ୍ଣୁକନ୍ୟା ହୋଇ କାବେରୀଙ୍କର ଏପରି ଅସଙ୍ଗତ କାମନାରେ ବ୍ରହ୍ମା କ୍ଷୁବ୍ଧ ହୋଇ ଅଭିଶାପ ଦେଲେ, ''କାବେରୀ ! ମର୍ତ୍ତ୍ୟଧାମକୁ ଅବତରଣ ପୂର୍ବରୁ ତୁ କାମପ୍ରବଣା ହୋଇ ସାରିଲୁଣି । ସେଠାକୁ ଯିବାପରେ ତୁ ଆହୁରି ଅପବିତ୍ର ହେବୁ । ତେଣୁ ଅଭିଶାପ ଦେଉଛି ତୁ କଦାପି ମର୍ତ୍ତ୍ୟଧାମକୁ ଯାଇପାରିବୁ ନାହିଁ କିମ୍ବା ଆଉ ତୋର ପିତାଙ୍କ ସହ ଯୁକ୍ତ ହୋଇ ପାରିବୁ ନାହିଁ ।'' ଅଭିଶପ୍ତ କାବେରୀ ସାତକଳ୍ପ ପର୍ଯ୍ୟନ୍ତ ପାଗଳିନୀ ହୋଇ ବିରହ ବେଦନାରେ ମହାଶୂନ୍ୟରେ ଭ୍ରମଣ କଲେ । ଏହାପରେ ଦେବର୍ଷି ନାରଦଙ୍କ ଦର୍ଶନ ଲାଭ କରି ନିଜର ଦୁଃଖ ବର୍ଣ୍ଣନା କରି ଶାପମୁକ୍ତ

ପାଇଁ ପ୍ରାର୍ଥନା କଲେ । ମୁନିବର ଅଭାଗିନୀର ଦୁଃଖରେ ମ୍ରିୟମାଣ ହୋଇ ଶାପମୁକ୍ତ ହେବାର ପଥପ୍ରଦର୍ଶନ କରି ମନ୍ତ୍ରଦାନ କଲେ । ମନ୍ତ୍ର ଗ୍ରହଣ କରି କାବେରୀ କଠୋର ତପ ଆଚରଣ ଆରମ୍ଭ କରିଦେଲେ ।

କାବେରୀଙ୍କର ମାନସସ୍ୱାମୀ ''ବୃଝୀଟଙ୍କ'' ରାକ୍ଷସଙ୍କର ମନକୁ ଆୟତ୍ତ କରାଇ ମୁନିବର ତାକୁ ମଧ୍ୟ ବ୍ରହ୍ମଦର୍ଶନର ମନ୍ତ୍ରଦାନ କଲେ । ଭୟଙ୍କର ତପ ଆଚରଣ କରି ସତ୍ୟଯୁଗର ଶେଷ ପ୍ରାନ୍ତରେ ରାକ୍ଷସ ବୃଝୀଟଙ୍କ ବ୍ରହ୍ମଦର୍ଶନ ଲାଭ କରି ''ବଦ୍ଧୁକ ଋଷି'' ନାମରେ ପରିଚିତ ହେଲେ । ତ୍ରେତୟାରେ ପୁନର୍ଜନ୍ମର ଜନ୍ମଗ୍ରହଣ କରି ''ବ୍ରହ୍ମର୍ଷିଜ ରାଜଋଷି''ର ପରିଚୟ ବହନ କଲେ । ଦ୍ୱାପରରେ ଅପୂର୍ଣ୍ଣ ରହିଥିବା ଜ୍ଞାନକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ''ବିଭିନ୍ନାଦ'' ନାମ ନେଇ ଜନ୍ମଗ୍ରହଣ କଲେ ଓ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୋଇ ''ବ୍ରହ୍ମର୍ଷି''ର ମର୍ଯ୍ୟାଦା ଲାଭ କଲେ । ଏହାପରେ କଳ୍ପଯୁଗର କାବେରୀଙ୍କର ମନୋବାଞ୍ଛା ତାଙ୍କର ସ୍ମରଣ ଆସିଲା । ନିଜର ଧ୍ୟାନମାର୍ଗରେ କାବେରୀଙ୍କର ଗତିପଥ ଜ୍ଞାତ ହୋଇ କଳିଯୁଗରେ ପୁଣିଥରେ ଜନ୍ମ ନେବାକୁ ସ୍ଥିର କଲେ । ତେଣୁ କଳିଯୁଗର ଆରମ୍ଭରେ ଉଜ୍ଜୟିନୀ ନଗରରେ ଜନ୍ମ ଗ୍ରହଣ କଲେ । ଏହି ନଗରରେ ପ୍ରତିଷ୍ଠିତ ସିଦ୍ଧବଂଶରେ ବିଭାଟଙ୍କ ଋଷିଙ୍କ ପୁତ୍ର ମୌର୍ଯ୍ୟ, ମୌର୍ଯ୍ୟଙ୍କ ପୁତ୍ର ଶୁମ୍ଭକ । ଉକ୍ତ ଶୁମ୍ଭକ ମୁନିଙ୍କ ଔରସରୁ ଜନ୍ମଗ୍ରହଣ କରି ଶୈବ୍ୟା ନାମରେ ପରିଚିତ ହେଲେ । ବାଲ୍ୟକାଳରୁ ହିଁ ଯୋଗ କରିବା ପାଇଁ ମଞ୍ଜୁଷାତଟକୁ ଚାଲିଗଲେ ଓ ସେଠାରେ ତପସ୍ୟା କରି ସମାଧିସ୍ଥ ହୋଇଗଲେ । ଏହି ଅବସ୍ଥାରେ ସେ ଜାଣିପାରିଥିଲେ ଯେ, ଶ୍ରୀମନ୍ନାରାୟଣ କେଶବ ନାମଧରି ମାନବ ଅଙ୍ଗରେ ମର୍ତ୍ତ୍ୟଲୀଳା ସଂଘଟନ କରୁଥିବା ସମୟରେ ତାଙ୍କ ପ୍ରିୟ କନ୍ୟା କାବେରୀଙ୍କ ମନୋବାଞ୍ଛା ପୂର୍ଣ୍ଣକରି ତାକୁ ମର୍ତ୍ତ୍ୟରେ ମହାତୀର୍ଥର ମର୍ଯ୍ୟାଦା ପ୍ରଦାନ କରିବେ । ତେଣୁ ସେ ପ୍ରଭୁଙ୍କ ନିକଟରେ ବରଭିକ୍ଷା କରିଥିଲେ, ''ହେ ପ୍ରଭୁ ! ଅଭାଗିନୀ କାବେରୀ ମୋତେ ପତି ରୂପରେ ପାଇବା ପାଇଁ କାମନା କରି ଅଭିଶପ୍ତ ହେଲା । କଳ୍ପରୁ କଳିଯାଏ ଅକଥନୀୟ ଦୁଃଖ, ଯନ୍ତ୍ରଣା ସହ୍ୟ କରି ଚାଲିଛି । କଳିଶେଷରେ ଯେତେବେଳେ ଆପଣ ନରତନୁରେ ମର୍ତ୍ତ୍ୟାବତରଣ କରି ଆପଣଙ୍କର ଶ୍ରୀପଦ ସ୍ପର୍ଶରେ ତାକୁ ମହାତୀର୍ଥର ମର୍ଯ୍ୟାଦା ଦାନ କରିବେ, ସେତେବେଳେ ତା'ର ପ୍ରଥମ ଇଚ୍ଛାର ସ୍ମାରକ ପାଇଁ ତା'ର ତୀର୍ଥସ୍ଥଳିରେ ମୋ ନାମରେ ଘାଟ ପ୍ରତିଷ୍ଠା କରି ଯୁଗ ଯୁଗ ପାଇଁ ତା ସହିତ ମୋତେ ଯୁକ୍ତ କରି ତା'ର ପ୍ରଥମ ଇଚ୍ଛା ପୂର୍ଣ୍ଣ କରିବେ ।'' ସେହିଦିନୁ ବରପ୍ରାପ୍ତ ହୋଇ ମାନସପତ୍ନୀ କାବେରୀଙ୍କ ସହ ମିଳନ ପାଇଁ ଋଷିପ୍ରବର ଆଜି ପର୍ଯ୍ୟନ୍ତ ଅପେକ୍ଷା କରି ରହିଛନ୍ତି ।

ନାରଦଙ୍କ ଆଶୀର୍ବାଦରେ ମହାତପ ଆଚରଣ କଲେ ତପସ୍ୱିନୀ କାବେରୀ । ତାଙ୍କର କଠୋର ତପରେ ମୁଗ୍ଧ, ଚକିତ ଓ ସନ୍ତୁଷ୍ଟ ହୋଇ ବ୍ରହ୍ମାତାଙ୍କୁ ଶାପମୁକ୍ତ କଲେ ଓ ନଦୀ ହୋଇ ମର୍ତ୍ତ୍ୟଧାମରେ ବିଚରଣ କରିବାକୁ ଆଜ୍ଞା ପ୍ରଦାନ କଲେ । ସେହିଦିନୁ କାବେରୀ ନାମ ନେଇ ନଦୀ ଆକାରରେ ସେ ମର୍ତ୍ତ୍ୟଧାମରେ ବିଚରଣ କଲେ । ପାତାଳ ପଥରେ ସୂକ୍ଷ୍ମ ଧାରା ନେଇ ଦକ୍ଷିଣରୁ ପ୍ରତ୍ୟେକ ଦିଗକୁ ଧାବମାନ ହେଲେ । ତଥାପି ତାଙ୍କର ଇଚ୍ଛା ପୂର୍ଣ୍ଣ ହୋଇ ପାରିଲା ନାହିଁ । କିପରି, କେଉଁଠି ପିତାଙ୍କର ନରତନୁ ପାଦ ଧୌତ କରିବେ, ସେହି ଚିନ୍ତାରେ ପାଗଳୀ ହୋଇ ଧରିତ୍ରୀ ଘୁରିବୁଲିଲେ । ସତ୍ୟପୂର୍ଣ୍ଣ ହୋଇ ତ୍ରେତୟା ଯୁଗ ପ୍ରବେଶ କଲା । ତଥାପି କୌଣସି ସୂଚନା ପାଇଲେ ନାହିଁ । ଏହି ପରିକ୍ରମା ସମୟରେ କୋଶଳରାଜ୍ୟ ଅନ୍ତର୍ଗତ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଉଜନ କୋଶଳ ନାମକ ସ୍ଥାନରେ ତପସ୍ୟାରତ ଗୋର୍ଣ୍ଣସଙ୍କ ବ୍ରହ୍ମର୍ଷିଙ୍କ ଦର୍ଶନ ଲାଭ କଲେ । କିନ୍ତୁ ସାଧନକ୍ରିୟାରେ ଅପୂର୍ଣ୍ଣାଙ୍ଗ ଥିବାରୁ ବ୍ରହ୍ମର୍ଷି କାବେରୀଙ୍କୁ ଅଗ୍ରଗାମୀ ହେବାକୁ ସୁଯୋଗ ନଦେଇ ତାଙ୍କ ପଥରୁଦ୍ଧ କରିଦେଲେ । ଯୋଗୀବର ଦେଖିଲେ କାବେରୀ ସେ ପର୍ଯ୍ୟନ୍ତ ଯମଦଣ୍ଡ ମୁକ୍ତିର ସିଦ୍ଧିପ୍ରାପ୍ତ ହୋଇ ନାହାନ୍ତି । ତେଣୁ ତାଙ୍କର ଜଳଧାରା ପବିତ୍ର ହୋଇ ପାରିବ ନାହିଁ ବା ମର୍ତ୍ତ୍ୟବାସୀମାନଙ୍କୁ କୌଣସି ପବିତ୍ରତା କିମ୍ବା ମୁକ୍ତି ପଥ ପ୍ରଦର୍ଶନ କରିପାରିବେ ନାହିଁ । ସେଥିପାଇଁ ତାଙ୍କୁ ''ଆକର୍ଣ୍ଣ ଓ ବୈତର୍ଣ୍ଣ'' ନାମକ ଦୁଇଟି ଯୋଗରେ ସିଦ୍ଧିଲାଭ କରି ପୁଣ୍ୟତୋୟା ହେବା ପାଇଁ ମନ୍ତ୍ରଦାନ କଲେ । ମାଆ କାବେରୀ ୨୧ ବର୍ଷକାଳ ଏହିଯୋଗରେ ସମାଧିସ୍ଥ ହୋଇଗଲେ ଏବଂ ଶେଷରେ ଦୁଇଟିଯାକ ଯୋଗରେ ପୂର୍ଣ୍ଣ ସିଦ୍ଧି ପ୍ରାପ୍ତ ହୋଇ ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କ ପରି ଅତି ପବିତ୍ରଧାରାରେ ରୂପାନ୍ତରିତ ହେଲେ । ଋଷିବର କାବେରୀଙ୍କର ଏକନିଷ୍ଠ ତପ ସାଧନାରେ ଆଶ୍ଚର୍ଯ୍ୟ ହୋଇଗଲେ । ସିଦ୍ଧିପ୍ରାପ୍ତ ଦୁଇଟି ଯୋଗ ମଧ୍ୟରୁ ''ବୈତର୍ଣ୍ଣ'' ଯୋଗ ଅତି ଅଦ୍ଭୁତ, ଦୁର୍ଲ୍ଲଭ ଓ ଦୁଃସାଧ୍ୟ । ଏହି ସିଦ୍ଧିର ମହାତ୍ମ୍ୟ ହେଉଛି, ଯେଉଁ ବ୍ୟକ୍ତି ଉକ୍ତ ସିଦ୍ଧି ଅର୍ଜନ କରିଥାଏ ତାକୁ ଯମଦଣ୍ଡ ଲାଗେ ନାହିଁ । କୌଣସି ପାପ ସ୍ପର୍ଶ କରେ ନାହିଁ । ଯଦି କୌଣସି ପାପୀ ଉକ୍ତ ସିଦ୍ଧ ବ୍ୟକ୍ତିକୁ ସ୍ପର୍ଶ କରେ ତେବେ ସେହି ମୁହୂର୍ତ୍ତରେ ତା'ର ସମସ୍ତ ପାପ ଜଳିଯାଇ ସେ ପବିତ୍ର ହୋଇଯାଏ । ତେଣୁ ଋଷିବର ସନ୍ତୁଷ୍ଟ ହୋଇ କାବେରୀଙ୍କୁ ବରଦାନ କଲେ, ''ଆଜିଠାରୁ ତୁ ଯମଦ୍ୱାର ନିକଟରେ ସଦା ପ୍ରବାହିତ ହେବୁ । ''ବୈତର୍ଣ୍ଣ'' ଯୋଗରେ ସିଦ୍ଧିପ୍ରାପ୍ତ ହୋଇଥିବାରୁ ତୋର ନାମ ଆଜିଠାରୁ ''ବୈତରଣୀ'' ହେବ । ଯେଉଁ ବ୍ୟକ୍ତି ତୋତେ ସ୍ପର୍ଶ କରିବ, ତୋର ପବିତ୍ର ଜଳରେ ସ୍ନାନ କରିବ ତା'ର ସମସ୍ତ ପାପରାଶୀ କ୍ଷୟ ହେବ ଏବଂ ସେ ଯମଦଣ୍ଡରୁ ମୁକ୍ତ ହୋଇ ନିର୍ବାଣ ପ୍ରାପ୍ତି ହେବ । କିନ୍ତୁ ମର୍ତ୍ତ୍ୟଧାମରେ ତୋ ସହିତ ଏହି ଶକ୍ତି ଯୁକ୍ତ ହେବ, ଯେତେବେଳେ ସ୍ଥୂଳରେ ତୋର ପିତା ଶ୍ରୀମନ୍ନାରାୟଣ ନରତନୁରେ ତୋତେ ଦର୍ଶନ ଦେଇ ଆଶୀର୍ବାଦ କରିବେ । ଏହି ତ୍ରେତୟାଯୁଗରେ ଉକ୍ତ କୋଶଳ ରାଜକନ୍ୟା କୌଶଲ୍ୟା

ଅଯୋଧ୍ୟାର ସମ୍ରାଟ ଦଶରଥଙ୍କୁ ବିବାହ କରିବେ । ତାଙ୍କରି ଗର୍ଭରୁ ଜନ୍ମ ନେବେ ପ୍ରଭୁ ଜଗତପତି ଏବଂ ପରିଚିତ ହେବେ ଶ୍ରୀରାମ ନାମରେ । ତେଣୁ ତୁ ତାଙ୍କ ଦର୍ଶନ ଓ ଆଶୀର୍ବାଦ ପ୍ରାପ୍ତହେବା ପରେ ମୋର ଦୁଇ ନାସାପୁଟ ଦେଇ ପ୍ରବାହିତ ହୋଇଯିବୁ ଏହି କୋଶଳ ରାଜ୍ୟରେ । ସେ ପର୍ଯ୍ୟନ୍ତ ଏହିଠାରେ ସୂକ୍ଷ୍ମରେ ଅବସ୍ଥାନ କର ।

ଅନେକ ବର୍ଷ ଅତିକ୍ରମ ହୋଇଗଲା । କରୁଣାସାଗର ଭକ୍ତବତ୍ସଳ ଭାବଗ୍ରାହୀ ଶ୍ରୀରାମ ଜନ୍ମଗ୍ରହଣ କରି ଅନୁଜ ଲକ୍ଷ୍ମଣ ଓ ପତ୍ନୀ ଜାନକୀଙ୍କ ସହ ବନବାସ କଲେ । ସେହି ସମୟରେ ସତ୍ୟଯୁଗରୁ ତପରେ ବୁଡ଼ି ରହିଥିବା ପନସ ଋଷିଙ୍କ ଆଶ୍ରମକୁ ପ୍ରଭୁ ମାଆ ବୈଦେହୀ ଓ ଭ୍ରାତା ଲକ୍ଷ୍ମଣଙ୍କ ସହ ଆସିଥିଲେ ଏବଂ ତାଙ୍କ ଆଶ୍ରମରେ ବାରଦିନ ଅବସ୍ଥାନ କରିଥିଲେ । ଏହି ସମୟରେ ଦୁଇଟି ସଂଯୋଗ ସଂଗଠିତ ହୋଇଥିଲା । ପ୍ରଥମରେ ଋଷିପ୍ରବର ପନସ ବର ମାଗିଥିଲେ, ''ପ୍ରଭୁ ! ଦ୍ୱାପର ଯୁଗରେ ମଧ୍ୟ ଆପଣ କୃଷ୍ଣାବତାର ସମୟରେ ମୋର ଏହି ଆଶ୍ରମକୁ ପଦାର୍ପଣ କରି ମୋତେ ଧନ୍ୟ କରିବେ । କଳିଶେଷରେ ଯେତେବେଳେ ଆପଣ ଚାରିଯୁଗର ମୀମାଂସା କରିବାକୁ ପୂର୍ଣ୍ଣାବତାର ହୋଇ ଆସିବେ, ସେତେବେଳେ ମୋର ଏହି ସିଦ୍ଧ ପୀଠରେ ନିଜେ ଉପସ୍ଥିତ ରହି ହୋମ, ଯଜ୍ଞ ଓ ସତ୍‌ସଙ୍ଗ କରି ଯୁଗଯୁଗ ପାଇଁ ମୋର ତପସାଧନାର କୀର୍ତ୍ତି ସ୍ଥାପନ କରିଯିବେ।'' ଉକ୍ତର ପ୍ରାର୍ଥନା ସ୍ୱୀକାରକରି ବରପ୍ରଦାନ କରିଥିଲେ ପ୍ରଭୁ ଭକ୍ତବତ୍ସଳ ରଘୁପତି । ଉକ୍ତ ଦ୍ୱାଦଶଦିବସ ରହଣି ସମୟରେ ଗୁରୁ ଗୋର୍ଣ୍ଣସଙ୍କ ନିର୍ଦ୍ଦେଶରେ ଶିଷ୍ୟା ବୈତରଣୀ ପ୍ରଭୁଙ୍କୁ ଦର୍ଶନ କରି ଧନ୍ୟା ହେଲେ । ଦୟାସାଗର ଯେତେବେଳେ ବୈତରଣୀଙ୍କୁ ବରମାଗିବାପାଇଁ ଅନୁମତି ପ୍ରଦାନ କଲେ ସେତେବେଳେ ସେ କହିଲେ, ''ହେ ପିତା ! ମର୍ତ୍ତ୍ୟଧାମରେ ତୁମର ଏହି ଦୁର୍ଲ୍ଲଭ, ନରରୂପ ଦର୍ଶନରେ ମୋର ସମସ୍ତ ପାପ ଧୌତ ହୋଇଛି । ଏହାଠାରୁ ଅଧିକ କେଉଁବର ମୁଁ ମାଗିବି ? ଆଜି ଋଷିପ୍ରବର ପନସଙ୍କ ଆଶ୍ରମରେ ମର୍ତ୍ତ୍ୟଧାମରେ ଆପଣଙ୍କ ନରତନୁର ପ୍ରଥମ ଦର୍ଶନ ଲାଭ କଲି । ତେଣୁ ଉକ୍ତ ପବିତ୍ର ପୀଠର ପାର୍ଶ୍ୱଦେଇ ମୁଁ ପ୍ରବାହିତ ହେବି । ଯୁଗଯୁଗ ଧରି ଏହି ସଂଯୋଗ ସ୍ଥଳରେ ମୋ ନାମରେ ତୀର୍ଥ ଆପଣ ନିଜେ ପ୍ରତିଷ୍ଠା କରନ୍ତୁ । ଜନ୍ମ ନେବା ସମୟରେ କାବେରୀ ନାମ ନେଇ ମର୍ତ୍ତ୍ୟଧାମକୁ ଆସିଥିଲି । କିନ୍ତୁ ଶ୍ରୀଗୁରୁଦେବଙ୍କ ଆଶୀର୍ବାଦରୁ ''ବୈତର୍ଣ୍ଣ'' ସିଦ୍ଧିପ୍ରାପତ ହୋଇ ମୋର ନାମ ପରିବର୍ତ୍ତନ ହୋଇ ବୈତରଣୀ ହୋଇ ସାରିଲାଣି । ମର୍ତ୍ତ୍ୟରେ ବୈତରଣୀ ନାମରେ ଅଭ୍ୟସ୍ତ ହେବାପରେ ମର୍ତ୍ତ୍ୟମାନବ ମୋର ପ୍ରଥମ ନାମ ''କାବେରୀ'' ସମ୍ପୂର୍ଣ୍ଣ ଭାବରେ ଭୁଲିଯିବେ । ତେଣୁ ହେ ପିତା ! ଏଠାରେ ଯେଉଁ ତୀର୍ଥ ପ୍ରତିଷ୍ଠା କରିବେ, ସେ ତୀର୍ଥକୁ ମୋର ପୂର୍ବନାମ ''କାବେରୀ'' ନାମରେ ନାମିତ କରନ୍ତୁ । ଆଉ ଏକ ଅଛି ପ୍ରଭୁ ! ଯେଉଁ ''ବୃଷୀଟକ'' ରାକ୍ଷସକୁ ପତିରୂପରେ ପାଇବା ପାଇଁ ମୁଁ ଅଭିଶପ୍ତା ହୋଇଥିଲି ଆଜି ସେଇ ଅଭିଶାପ ମୋ ପାଇଁ ଚରମ ଆଶୀର୍ବାଦରେ ପରିଣତ ହୋଇଛି । ଯଦି ତାଙ୍କ ପ୍ରତି ଆସକ୍ତ ହୋଇ ନଥାନ୍ତି, ତେବେ ମୁଁ ଏତେ ସୌଭାଗ୍ୟର ଅଧିକାରିଣୀ ହୋଇ ନଥାନ୍ତି । ତେଣୁ ବାସ୍ତବରେ ସେ ହିଁ ମୋର ଏତେ ସୌଭାଗ୍ୟର କାରଣ । ଥରକପାଇଁ ହେଉ ପଛକେ ମୁଁ ତାଙ୍କୁ ମୋର ହୃଦୟରେ ସ୍ୱାମୀ ରୂପରେ ବରଣ କରିଛି । ସ୍ୱାମୀ ବିନା ସ୍ତ୍ରୀର ଗତି ନାହିଁ, ମୁକ୍ତି ନାହିଁ ଏବଂ ପଥ ମଧ୍ୟ ନାହିଁ । ଶ୍ରୀଗୁରୁଙ୍କ ଆଶୀର୍ବାଦରେ ମୁଁ ଆଜି ବୈତର୍ଣ୍ଣ ସିଦ୍ଧିରେ ସୌଭାଗ୍ୟବତୀ । ମୋର ଜଳରାଶୀ ସ୍ପର୍ଶରେ ଜୀବ ଯମଦ୍ୱାର ଅତିକ୍ରମ କରି ସ୍ୱ-ନିଳୟରେ ପହଞ୍ଚପାରିବ । କିନ୍ତୁ ମାନସ ସ୍ତରରେ ମୁଁ ତାଙ୍କର ପତ୍ନୀ ହେଲେ ମଧ୍ୟ ବାସ୍ତବରେ ମୁଁ ଆଜି ପତିହରା । ତେଣୁ ହେ ଭକ୍ତବତ୍ସଳ ! ମୋତେ ମୋ ପତିଙ୍କ ସହ ଏହି ସ୍ଥାନରେ ମିଳନ କରାନ୍ତୁ । ମୋର ଏହି ପବିତ୍ର ତୀର୍ଥରେ ତାଙ୍କ ନାମରେ ଘାଟ ପ୍ରତିଷ୍ଠା କରି ପତିପତ୍ନୀର ସ୍ୱର୍ଗୀୟ ସମ୍ପର୍କକୁ ସ୍ୱୀକୃତି ଦାନ କରନ୍ତୁ ।'' ପ୍ରିୟତମା କନ୍ୟାର ବ୍ୟାକୁଳତାରେ ଅଧିର ହୋଇ ପିତା ପୁରୁଷୋତ୍ତମ ଶ୍ରୀରାମ ବରଦାନ କରିଥିଲେ, ''ହେ ମୋର ଅଲିଅଳି କନ୍ୟା ! ତୋର ସମସ୍ତ ଇଚ୍ଛା ପୂର୍ଣ୍ଣ କରିବି । କିନ୍ତୁ ଏବେ ନୁହେଁ । କାରଣ ଯୁଗ ମିମାଂସା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ । ଏହାପରେ ଦ୍ୱାପର ଯୁଗରେ କୃଷ୍ଣାବତାର ହୋଇ ପାଣ୍ଡବଙ୍କ ଅଜ୍ଞାତବାସକାଳରେ ତାଙ୍କ ସହ ଏହି ସ୍ଥାନକୁ ଆସି ନଅଦିନ ଅବସ୍ଥାନ କରିବି । ସେତେବେଳେକୁ ତୁ ଏହି ପୀଠ ଦେଇ ବୈତରଣୀ ନାମରେ ପ୍ରବାହିତ ହେଉଥିବୁ । ତୋରି ଜଳାଧାରରେ ସ୍ନାନ କରି ତୋତେ ପୁଣ୍ୟତୋୟା ବୈତରଣୀ ନାମରେ ସ୍ୱୀକୃତି ଦାନ କରିବି । କଳିଯୁଗରେ ଅତିଗୋପନ ଭାବରେ ମୋର ଖେଳ ସମ୍ପାଦିତ ହେବ । ସେତେବେଳେ ଚାରିଯୁଗର ମିମାଂସା ସୂତ୍ର ନେଇ ମୁଁ ଆସିବି ଓ ଆଗାମୀ ସତ୍ୟଯୁଗ ପାଇଁ ନୂତନ କ୍ଷେତ୍ର, ଧାମ, ପୀଠ, ତୀର୍ଥ ଓ ଘାଟ ପ୍ରତିଷ୍ଠା କରିଯିବି । ଏହି ଆଶ୍ରମର ପ୍ରତିଷ୍ଠାତା ପନସ ଋଷି ମଧ୍ୟ ଏହିଠାରେ ମୋର ଉପସ୍ଥିତିରେ ହୋମ, ଯଜ୍ଞ ଓ ସତ୍‌ସଙ୍ଗର ବର ମାଗି ନେଇଛନ୍ତି । ତୋର ସ୍ୱାମୀ ବୃଷୀଟକ ଆଉ ରାକ୍ଷସ ହୋଇ ନାହାନ୍ତି । ବର୍ତ୍ତମାନ ରାଜର୍ଷି ବୃଜର୍ଣ୍ଣ ନାମରେ କଠୋର ତପ କରୁଛନ୍ତି । ଦ୍ୱାପର ଶେଷରେ ବିଭିଳାଦ ଋଷି ନାମରେ ଆସି ପୂର୍ଣ୍ଣାଙ୍ଗ ପ୍ରାପ୍ତ ହେବେ ଓ ବ୍ରହ୍ମର୍ଷିର ମର୍ଯ୍ୟାଦା ଲାଭ କରିବେ । କଳିରେ ଉଜ୍ଜୟିନୀ ନଗରରେ ବିଭାଟକ ବଂଶରେ ଜନ୍ମନେଇ ଶୈବ୍ୟାଋଷି ନାମରେ ତପକରି ମଞ୍ଜୁଷାତଟରେ ସମାଧିସ୍ଥ ହୋଇଯିବେ । ଆଜି ପବିତ୍ର ବୈଶାଖ ପୂର୍ଣ୍ଣିମା । ଋଷି ପନସଙ୍କର ସିଦ୍ଧି ଦିବସ ଓ ତୋର ବରପ୍ରାପ୍ତି ଦିବସ । ତେଣୁ କଳିଯୁଗରେ ଠିକ୍ ଏହି ଦିବସରେ ମୁଁ ନିଜେ ଏଠାରେ ଉପସ୍ଥିତ ରହି ତୋର ସମସ୍ତ ମନୋବାଞ୍ଛା ପୂର୍ଣ୍ଣ କରିବି । ତୋର ପ୍ରଥମ ନାମ ଅନୁସାରେ ''କାବେରୀତୀର୍ଥ''

ଓ ତୋର ସ୍ୱାମୀଙ୍କର ତତ୍‌କାଳୀନ ନାମ ''ଶୈବ୍ୟା'' ନାମରେ ''ଶୈବ୍ୟା ଘାଟ'' ପ୍ରତିଷ୍ଠା କରିବି । ସେହି ପର୍ଯ୍ୟନ୍ତ ଅପେକ୍ଷାକର । ତୋର ପ୍ରଥମ ନାମ ''କାବେରୀ'' ଏ ଧରାପୃଷ୍ଠରୁ ଆଦୌ ବିସ୍ମୃତ ହେବନାହିଁ । ବୈତରଣୀ ନାମ ଧାରଣ ପୂର୍ବରୁ ଯେଉଁ ନାମରେ ଯେଉଁସ୍ଥାନରେ ପ୍ରବାହିତ ହେଉଥିଲୁ ସେଠାରେ ସେହିପରି ଅମ୍ଳାନ ହୋଇ ରହିବୁ ଓ ବୈତରଣୀ ନାମରେ ତୀର୍ଥ ମର୍ଯ୍ୟାଦା ପାଇବା ସମୟରେ ଧରାପୃଷ୍ଠରେ ତୋର କାବେରୀ ନାମର ଧାରା ମଧ୍ୟ ସେହି ଆଶୀର୍ବାଦ ଓ ମହିମାରେ ମହିମାମଣ୍ଡିତ ହେବ ।'' ଏହାପରେ ଦ୍ୱାପର ଆରମ୍ଭରେ ଶ୍ରୀଗୁରୁ ବ୍ରହ୍ମର୍ଷି ଗୋର୍ଣ୍ଣସବଙ୍କ ଦୁଇ ନାସିକା ଦେଇ ଆନନ୍ଦରେ ଅଧିରା ବୈତରଣୀ ସର୍ବପାପନାଶିନୀର ଶକ୍ତି ଧାରଣ କରି କୋଶଳ ରାଜ୍ୟ ଦେଇ ପ୍ରବାହିତ ହୋଇଗଲେ । ଯେଉଁ ପର୍ବତମାଳାରେ ବ୍ରହ୍ମର୍ଷି ଗୋର୍ଣ୍ଣସବ ତାଙ୍କର ଦୁଇ ନାସିକା ଦ୍ୱାର ଦେଇ ବୈତରଣୀଙ୍କୁ ପ୍ରବାହିତ କରାଇଥିଲେ ସେହି ପର୍ବତର ନାମ ଆଜି ଗୋନାସିକା ଅର୍ଥାତ୍ ''ଗୋର୍ଣ୍ଣସବଙ୍କ ନାସିକା'' ପର୍ବତ ନାମରେ ନାମିତ ହୋଇ ସେହି ପୂର୍ବସ୍ମୃତିକୁ ସଦାଜାଗ୍ରତ କରାଇ ଦେଉଛି ।

ପନସ ଋଷିଙ୍କ ନାମ ଅନୁସାରେ ତ୍ରେତୟାରୁ ତାଙ୍କ ଆଶ୍ରମ ଅନ୍ତର୍ଗତ ଏହି ପବିତ୍ର ଅଞ୍ଚଳ ''ପଣସା'' ନାମରେ ନାମିତ ହୋଇ ଦ୍ୱାପର ଓ କଳିର ମଧ୍ୟ ସମୟ ପର୍ଯ୍ୟନ୍ତ ପରିଚିତ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଉକ୍ତ ଅଞ୍ଚଳର ରାଜାଧିରାଜ ଏଠାରେ ତାଙ୍କର ରାଜଧାନୀ ସ୍ଥାପନ କରି ରହିଥିବାରୁ ତାଙ୍କର ସମ୍ମାନାର୍ଥେ ଅଞ୍ଚଳଟିର ନାମ ରାଜନଗର ନାମରେ ପରିଚୟ ବହନ କରି ଚାଲିଛି । ବିବର୍ତ୍ତମାନ ପ୍ରକ୍ରିୟାରେ ସମାଜ ସିନା ଭୁଲି ଯାଇଛି ପୂର୍ବଯୁଗର ପନସ ଋଷି, ବୈତରଣୀ, ଗୋର୍ଣ୍ଣସବଙ୍କର ଆଶ୍ରମ, ତପସ୍ୟା, ମହିମା ଓ ଏହି ସ୍ଥାନରେ ଜଗତ୍‌ପତିଙ୍କର ତ୍ରେତୟା ଓ ଦ୍ୱାପରଯୁଗର ଆବିର୍ଭାବ ଏବଂ ଲୀଳା । କିନ୍ତୁ ପ୍ରଭୁ ଶ୍ରୀମୁଖରେ ଯେଉଁ ବରଦାନ କରିଥିଲେ, ଯେଉଁସ୍ଥାନରେ କରିଥିଲେ ତାହା ଭୁଲିବେ କିପରି ?

ସତ୍ୟରୁ କଳିଶେଷ ପର୍ଯ୍ୟନ୍ତ ଉକ୍ତ ପବିତ୍ର ସ୍ଥାନକୁ ନେଇ ଯେଉଁ ଅପୂର୍ବ ଲୀଳା ସଂଘଟନ ହୋଇ ଯାଇଛି, ତାକୁ ପଞ୍ଚଦଶ ଶତାବ୍ଦୀରେ ଆଧ୍ୟାତ୍ମିକ ଜଗତରେ ଚହଳ ପକାଇଥିବା ପଞ୍ଚସଖାଙ୍କ ମଉଡ଼ମଣି ଅଚ୍ୟୁତାନନ୍ଦ ତାଙ୍କର ନିର୍ବିକଳ୍ପ ସମାଧିରେ ଧ୍ୟାନସ୍ଥ ହୋଇ ପ୍ରଭୁଙ୍କ କଳିଲୀଳା ଦର୍ଶନ ସମୟରେ ଉପଲବ୍ଧି କଲେ ଓ ତାଙ୍କର ଭବିଷ୍ୟମାଳିକା ''ମନ ଚଇତନ ସମ୍ବାଦ''ରେ ଲିପିବଦ୍ଧ କଲେ । ସେଥିରୁ କିଛି ଅଂଶ ନିମ୍ନରେ ଉଦ୍ଧାର କରାଗଲା ।

''ମନ କହେ ଶୁଣ ସୁତ ଚେତନାକୁ ପାଇ ।
ପନସ ଋଷିଙ୍କ କଥା ଦେଉଛି ବତାଇ ॥
ଜଳନକୋଣଙ୍କ ଦେବା ନାମ ପରକାଶ ।
ଏହିଠାରେ ପନସ ଯେ ତପ ପରବେଶ ॥
ତପ ଆଚରଣେ କିଛି କାଳ ବିତିଗଲା ।
ସତ୍ୟଯାଇ ତ୍ରେତୟାର ସୂତ୍ର ଖିଆଇଲା ॥
ବନବାସେ ସତ୍ୟପାଳି ଶ୍ରୀରଘୁନନ୍ଦନ ।
ଫଳମୂଳ ଆହାରରେ କାଟୁଥିଲେ ଦିନ ॥
ଦ୍ୱାଦଶ ଦିବସ ରାତ୍ରି ଲକ୍ଷ୍ମଣ ବୈଦେହୀ ।
ସଙ୍ଗତରେ ବାସକରି ବୈଶାଖ ପୁନେଇଁ ॥
ଶ୍ରୀଗୁରୁଙ୍କ ଚେତନାରେ ତପ ଛାଡ଼ି ଦେଇ ।
ସୁକ୍ଷ୍ମବେଶେ ଭେଟ କଲା ବୈତରଣୀ ଯାଇ ॥
ତୁମ ଅଙ୍ଗ ପରଶରେ ପାପ ଧୌତ ହେଲା ।
ଏତିକି ମାଗୁଣି ପିତା; ଆପିତ ସରିଲା ॥

ଦ୍ୱାପର ଯୁଗରେ ମୁହିଁ ପାଣ୍ଡବଙ୍କ ମେଳେ ।
କୃଷ୍ଣନାମ ବହିଥିବି; ଅଜ୍ଞାତର ଯୋଗେ ॥
ନବଦିନ ସ୍ନାନ କରି ଶାନ୍ତିରେ ତପତ ।
କଳିରେ କାଳ କାଟିବା ହୋଇଛି ଗୁପତ ॥''

ମହାପୁରୁଷ ଅଚ୍ୟୁତ ଆଜକୁ ପାଞ୍ଚଶହ ବର୍ଷପୂର୍ବେ ଧ୍ୟାନରେ ଦର୍ଶନ କରି ଯାହା ଲେଖି ଯାଇଥିଲେ ଆଜି ତାହା ସତ୍ୟ ହୋଇଛି । ଉକ୍ତ ମାଳିକାର ସମସ୍ତ ଅର୍ଥ, ତତ୍ତ୍ୱ ଓ ପୂର୍ବାପର ସାରାଂଶ ଗଳ୍ପ ଆକାରରେ ପଦ୍ୟାଂଶ ପୂର୍ବରୁ ବର୍ଣ୍ଣିତ ହୋଇଅଛି । ମହାପୁରୁଷ ତାଙ୍କ ଉପରୋକ୍ତ ମାଳିକା ''ମନଚଇତନ ସମ୍ବାଦ''ରେ ଶବ୍ଦର ଅଦ୍ଭୁତ ଚମତ୍କାରିତା ପ୍ରଦର୍ଶନ କରି ଆଜିର ଦିବସକୁ ଅତି ସୁନ୍ଦର ଭାବରେ ନିର୍ଣ୍ଣୟ କରି ଯାଇଛନ୍ତି ।

''ତେରଶତେ ଶତକକୁ ଯୁକତ କରିବୁ ।
ବେନିଯୋଗ ତିନି ଥୋଇ ସାଲ ଭିଆଇବୁ ॥''

ଅର୍ଥାତ୍ ତେରଶତେ (ତେରଶହରେ) ଶତକକୁ (ଶହେକୁ) ଯୁକ୍ତ ବା ଯୋଗ କରିବୁ । ୧୩୦୦+୧୦୦=୧୪୦୦ । ବେନି ଯୋଗ, ତିନିଥୋଇ ଅର୍ଥାତ୍ ବେନି (୨) ଯୋଗକରି ତିନି (୩) ଥୋଇବୁ ଅର୍ଥାତ୍ ଦୁଇ ଯୋଗ ପରେ ପୁନର୍ବାର ତିନି ଯୋଗ କରିବୁ । ୨+୩=୫ । ୧୪୦୦+୫=୧୪୦୫ । ଏହି ଯୋଗକରି ସାଲ ଭିଆଇବୁ । ଅର୍ଥାତ୍ ଯୋଗଫଳ ଯାହା ହେବ ତାହା ସାଲ ସଂଖ୍ୟା ବୋଲି ଗ୍ରହଣ କରିବୁ । ତେଣୁ ସାଲ ହେଲା ୧୪୦୫ ।

''ମେଷ ଅଠେଇଶ ଦିନ ବୈଶାଖ ପୂର୍ଣ୍ଣିମା ।
ନାମ ଯଜ୍ଞ, ହୋମ ଯଜ୍ଞ ତୀର୍ଥର ମହିମା ॥''

୧୪୦୫ ସାଲରେ ଯେଉଁଦିନ ନାମ ଯଜ୍ଞ ଓ ହୋମଯଜ୍ଞ ସହ ତୀର୍ଥର ମହିମା ପ୍ରକାଶ ପାଇବ ସେହିଦିନଟି ମେଷ ଦି୨୮ନ ହୋଇଥିବ ଓ ବୈଶାଖ ପୂର୍ଣ୍ଣିମା ହୋଇଥିବ ।

''ଏଇ ଦିନ ପୁରୁଷ ଯେ ଆସିବେ ଏଠାଇଁ ।
ଗୀତାଧ୍ୱନୀ ନାମ ତାଳେ ସତ୍‌ସଂଗ ଧାଇଁ ॥
କମ୍ପିବ ଏଠାରେ ମହୀ ବୈତରଣୀ କୂଳେ ।
କେତେଯୋଗୀ, ତପି, ମୁନି, ଋଷିଙ୍କର ମେଳେ ॥
ସ୍ୱର୍ଗରୁ ଦେବତା ଗଣେ ସୂକ୍ଷ୍ମରେ ଆସି ।
ଗୁପତରେ ରହି ଲୀଳା କରୁଥିବେ ବସି ॥
କାବେରୀର ମାନସିକ ହେବ ଯେ ପୂରଣ ।
ଶୈବ୍ୟା ନାମେ ଘାଟ ହେବ ତୀର୍ଥକୁ ଧାରଣ ॥''

ଅର୍ଥାତ୍ ୧୪୦୫ ସାଲ ମେଷ ଦି୨୮ନ ବୈଶାଖ ପୂର୍ଣ୍ଣିମାଦିନ ଏହି ସ୍ଥାନ ଅର୍ଥାତ୍ ବୈତରଣୀକୂଳ ପନସ ମୁନିଙ୍କ ଆଶ୍ରମକୁ ପୁରୁଷ ଆସିବେ । ଏଠାରେ ମହାପୁରୁଷ କଳିଯୁଗାବତାର ଜଗତପତିଙ୍କୁ ପୁରୁଷ ବୋଲି ସମ୍ବୋଧନ କରିଛନ୍ତି । ଗୀତାଧ୍ୱନୀ ଓ ତାରକ ନାମର ତାଳେ ତାଳେ ସତ୍‌ସଂଗ ଅନୁଷ୍ଠିତ ହେବ । ତାଙ୍କ ଉପସ୍ଥିରେ ବୈତରଣୀ କୂଳର ଏହି ସ୍ଥାନରେ ମହୀ ଅର୍ଥାତ୍ ଧରିତ୍ରୀ କମ୍ପି ଉଠିବ । ଯୋଗୀ, ମୁନି, ଋଷି, ତପି, ଦେବୀ ଦେବୀମାନେ ସୂକ୍ଷ୍ମରେ ଏଠାରେ ଅବସ୍ଥାନ କରି ପ୍ରଭୁଙ୍କ ମର୍ତ୍ତ୍ୟଲୀଳା ଦର୍ଶନ କରିବା ସଂଗେ ସଂଗେ ଅନେକ ଲୀଳା କରୁଥିବେ । ଏହି ଦୁର୍ଲଭ ମୁହୂର୍ତ୍ତରେ ଜଗଦୀଶ୍ୱର ଭକ୍ତବତ୍ସଳ, ତ୍ରିଲୋକସ୍ୱାମୀ କାବେରୀଙ୍କ (ବୈତରଣୀ) ମନସ୍କାମନା ପୂର୍ଣ୍ଣକରି 'କାବେରୀତୀର୍ଥ' ଓ 'ଶୈବ୍ୟା ଘାଟ'' ପ୍ରତିଷ୍ଠା କରିବେ ॥''

''ଏହିଠାରେ ଶ୍ରୀ ଚୈତନ୍ୟ ପୂର୍ଣ୍ଣଜ୍ଞାନ ପାଇ ।

ହରଷ ମନରେ ବିଜେ ଶ୍ରୀକ୍ଷେତ୍ରକୁ ଧାଇଁ ॥''

ଶ୍ରୀଚୈତନ୍ୟଦେବ ନାମ ପ୍ରେମରେ ପାଗଳ ହୋଇ ବିଚରଣ କରୁଥିବା ସମୟରେ ଏହି ପବିତ୍ର ସ୍ଥାନରେ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୋଇଥିଲେ ଏବଂ ଅତି ଆନନ୍ଦରେ ଏହିଠାରୁ ଶ୍ରୀକ୍ଷେତ୍ରକୁ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ ।

''କେଶବ ଦେବେଟି ସିଦ୍ଧି କରିବେ ଉଦ୍ଧାର ।

ଭକ୍ତ ମେଳି ସଙ୍ଘପାଳି, ତୀର୍ଥ ଯାତରାର ॥

ଏହିଠାରୁ ଭସ୍ମ, ଅସ୍ଥି, ବିସର୍ଜନ ତଟେ ।

ବୈତରଣୀ ଦେବ ମୁକ୍ତି ପଣର ଆକଟେ ॥

ଯୁଗ ଯୁଗ ଧରି ତାର ନାମ ବହିଯିବ ।

ପୂର୍ଣ୍ଣିମା ଦିବସ ତୀର୍ଥ ପୂର୍ଣ୍ଣ ହେଉଥିବ ॥

ଭବିଷ୍ୟ ମାଳିକା ଲେଖା ଅନ୍ୟଥା ନୁହଇଁ ।

ଅଚ୍ୟୁତ ବଚନ ପଣ ସଦା ସିଦ୍ଧି ଥାଇ ॥''

ଅର୍ଥାତ୍ କଳିଯୁଗ ଶେଷରେ ଗୋଲୋକବିହାରୀ ଯେତେବେଳେ କେଶବ ନାମଧରି ଅବତୀର୍ଣ୍ଣ ହେବେ- ସେତେବେଳେ ଉପରୋକ୍ତ ଦିବସରେ ଏହିଠାରେ ଉପସ୍ଥିତି ହୋଇ ବୈତରଣୀଙ୍କୁ ତୀର୍ଥର ମର୍ଯ୍ୟାଦା ଦେଇ ତାହାରି ଜଳରାଶି ମାଧ୍ୟମରେ ସିଦ୍ଧିଦାନ କରି ଜୀବ ଉଦ୍ଧାର କାର୍ଯ୍ୟର ଏକ ଅଂଶ ପୂର୍ଣ୍ଣ କରିବେ । ଏହି ପବିତ୍ର ପୂର୍ଣ୍ଣିମାଠାରୁ ଉକ୍ତ ''କାବେରୀତୀର୍ଥ''ରେ ଭସ୍ମ, ଅସ୍ଥି ବିସର୍ଜନ ଆଦି ସଂସ୍କାର କାର୍ଯ୍ୟ ଆରମ୍ଭ ହେବ । ନିଜର କଠୋର ତପ, ସିଦ୍ଧି ଓ ପ୍ରଭୁଙ୍କ ଆଶୀର୍ବାଦରେ ବୈତରଣୀ ତାଙ୍କର ଏହି ତୀର୍ଥରେ ବିସର୍ଜିତ ହୋଇଥିବା ଭସ୍ମ ଓ ଅସ୍ଥିଧାରକଙ୍କୁ ମୁକ୍ତି ଦାନ କରି ପତିତପାବନୀର ମର୍ଯ୍ୟାଦା ଲାଭ କରିବେ । ଯୁଗଯୁଗ ଧରି ଏହି ତୀର୍ଥର ନାମ, ମହିମା ଅମ୍ଳାନ ହୋଇ ରହିବ ।

ସତ୍ୟଯୁଗରୁ ଅମୀମାଂସିତ ଲୀଳାର ମିମାଂସା ହୋଇଯାଇଛି । ପ୍ରଭୁ ଶ୍ରୀ କେଶବଚନ୍ଦ୍ର ତ୍ରେତୟାଯୁଗରେ ରାମାବତାରରେ ଦେଇଥିବା ନିଜର ରକ୍ଷା କରି ଆଜି ଏଠାରେ ଗୀତାଯଜ୍ଞ, ନାମଯଜ୍ଞ ଓ ସତ୍‌ସଂଗ ସହିତ ଦେବା, ଦେବୀ, ଯୋଗୀ, ମୁନି, ଋଷି, ତପିମାନଙ୍କର ସୂକ୍ଷ୍ମ ଉପସ୍ଥିତିରେ ''କାବେରୀ ତୀର୍ଥ'' ଓ ''ଶୈବ୍ୟାଘାଟ'' ପ୍ରତିଷ୍ଠା କରି ବୈତରଣୀ ଓ ଋଷିପ୍ରବର ପନସଙ୍କୁ ଧନ୍ୟ କରିବା ସଂଗେ ସଂଗେ ଅନେକ ମହିମାରେ ମହିମା ମଣ୍ଡିତ ଏହି ଅଞ୍ଚଳକୁ ଅପୂର୍ବ ସୌଭାଗ୍ୟ ଦାନ କରିଛନ୍ତି ।

ମାଆଲୋ..... ବୈତରଣୀ ! ଯୁଗ ଯୁଗ ଧରି କଠୋର ତପ ଆଚରଣ କରି କେଶବଙ୍କୁ ଆଜି କୋଳରେ ଧରି ଆମକୁ ଯେଉଁ ସୌଭାଗ୍ୟ ଦାନ କଲୁ, ସେ ଋଣ କୋଟି କୋଟି ଯୁଗ ବିତିଗଲେ ମଧ୍ୟ ଆମ୍ଭେ ପରିଶୋଧ କରି ପାରିବୁ ନାହିଁ । ତେଣୁ ତୋର ପବିତ୍ର ପାଦପଦ୍ମରେ କେବଳ ପ୍ରଣାମଟିଏ ଦେବା ବ୍ୟତୀତ ଆମର ଆଉ କିଛି ନାହିଁ । ସେତିକି ଗ୍ରହଣ କରି କରୁଣା କର ମାଆ । ତୋରି ଆଶୀର୍ବାଦରେ ସେଇ ଲୀଳାମୟ କେଶବଙ୍କ ଶ୍ରୀପଦପଦ୍ମରେ ଏ ମନ, ପ୍ରାଣ, ଶରୀର ଲୀନ ହୋଇଯାଉ ।

**ଓଁ ଶାନ୍ତିଃ ! ଓଁ ଶାନ୍ତିଃ !! ଓଁ ଶାନ୍ତିଃ !!!**

**ସ୍ୱର୍ଣ୍ଣକ୍ଷେତ୍ର**

**ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍**